# NATIONAL NEWS BULLETIN (ODIA)
## 30 April - 2024
### Mid Bulletin : 1.50 p.m
*******************************

## ମୁଖ୍ୟ ସମ୍ବାଦ

- କାନାଡାର ପ୍ରଧାନମନ୍ତ୍ରୀ ଖଲିସ୍ତାନ ସପକ୍ଷରେ ଦେଇଥିବା ସ୍ଲୋଗାନକୁ ଭାରତ ତୀବ୍ର ବିରୋଧ କରିଛି ।

- ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ଆଜି ନୌସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

- ଖାଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁଙ୍କ ହତ୍ୟା ଷଡ଼ଯନ୍ତ୍ର ସମ୍ପର୍କରେ ୱାଶିଂଟନ ପୋଷ୍ଟରେ ପ୍ରକାଶିତ ରିପୋର୍ଟକୁ ଭାରତ ଖଣ୍ଡନ କରିଛି ।

- ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆଜି ହିଞ୍ଜିଳିକାଟୁ ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ଏବଂ

- ଆଜି ଓ ଆସନ୍ତାକାଲି ଓଡ଼ିଶା ଓ ବିହାରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

**କାନାଡା ପିଏମ୍ ସ୍ପିଚ୍**

କାନାଡାର ପ୍ରଧାନମନ୍ତ୍ରୀ ଖଲିସ୍ତାନ ସପକ୍ଷରେ ଦେଇଥିବା ସ୍ଲୋଗାନକୁ ଭାରତ ତୀବ୍ର ବିରୋଧ କରିଛି । କାନାଡାରେ ଆୟୋଜିତ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ସେଠାକାର ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ସମ୍ବୋଧିତ କରିବା ବେଳେ ଖଲିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଏ ସଂକ୍ରାନ୍ତରେ ଗତକାଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ନୂଆଦିଲ୍ଲୀରେ ଅବସ୍ଥାପିତ କାନାଡାର ଡେପୁଟି ହାଇ କମିଶନରଙ୍କୁ ସମନ କରିଥିଲା। ମନ୍ତ୍ରଣାଳୟ କହିଛି ଯେ, ଏହି କାର୍ଯ୍ୟକ୍ରମରେ ଅନିୟନ୍ତ୍ରିତ ଭାବେ ଏଭଳି ବିଶୃଙ୍ଖଳିତ କାର୍ଯ୍ୟ ଜାରି ରଖିବାକୁ ଅନୁମତି ଦିଆଯାଇଥିବାରୁ ଭାରତ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ଦୃଢ଼ ପ୍ରତିବାଦ କରାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହା କାନାଡାରେ ବିଚ୍ଛିନ୍ନତାବାଦ, ଉଗ୍ରବାଦ ଓ ହିଂସାକୁ ଦିଆଯାଇଥିବା ରାଜନୈତିକ ସ୍ଥାନକୁ ପୁଣି ଥରେ ଦର୍ଶାଉଛି। ମନ୍ତ୍ରଣାଳୟ କହିଛି ଯେ, ସେମାନଙ୍କର ନିରନ୍ତର ଅଭିବ୍ୟକ୍ତି କେବଳ ଭାରତ-କାନାଡା ସମ୍ପର୍କକୁ ପ୍ରଭାବିତ କରିବ ନାହିଁ; ବରଂ କାନାଡାରେ ହିଂସା ଏବଂ ଅପରାଧର ବାତାବରଣକୁ ମଧ୍ୟ ଉତ୍ସାହିତ କରେ ଯାହା ଏହାର ନିଜ ନାଗରିକମାନଙ୍କୁ କ୍ଷତି ପହଞ୍ଚାଇବ ।

**ଖଲିସ୍ତାନୀ ଆତଙ୍କବାଦୀ**

ଖାଲିସ୍ତାନୀ ଆତଙ୍କବାଦୀ ଗୁରପତୱନ୍ତ ସିଂ ପନ୍ନୁଙ୍କ ହତ୍ୟା ଷଡ଼ଯନ୍ତ୍ର ସମ୍ପର୍କରେ ୱାଶିଂଟନ ପୋଷ୍ଟରେ ପ୍ରକାଶିତ ରିପୋର୍ଟକୁ ଭାରତ ଖଣ୍ଡନ କରିଛି। ଆମେରିକାର ଦୈନିକ ଖବରକାଗଜରେ ଏହି ଖବର ଉପରେ ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଏହା ଏକ ଗମ୍ଭୀର ପ୍ରସଙ୍ଗରେ ଅଯଥା ଏବଂ ଭିତ୍ତିହୀନ ଅଭିଯୋଗ ଆଣିଛି ।

ସଂଗଠିତ ଅପରାଧୀ, ଆତଙ୍କବାଦୀ ଏବଂ ଅନ୍ୟମାନଙ୍କ ନେଟୱର୍କକୁ ନେଇ ଆମେରିକା ସରକାର ଯେଉଁ ସୁରକ୍ଷା ଚିନ୍ତା ପ୍ରକଟ କରିଛନ୍ତି, ତାହାର ଅନୁଧ୍ୟାନ ପାଇଁ ଭାରତ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟିର ତଦନ୍ତ ଜାରି ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହା ଉପରେ କଳ୍ପନାତ୍ମକ ଏବଂ ଦାୟିତ୍ୱହୀନ ମନ୍ତବ୍ୟ ସହାୟକ ହେବନାହିଁ ।

## ଥାର୍ଡ୍ ଫେଜ୍ ଇଲେକ୍ସନ

ଲୋକସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ମେ ୭ ତାରିଖରେ ଉତ୍ତରପ୍ରଦେଶର ୧୦ଟି ଆସନରେ ମତଦାନ ହେବ। ଏହି ପର୍ଯ୍ୟାୟରେ ବଦାୟୁଁର ଗୁରୁତ୍ୱପୂର୍ଣ୍ଣ ଆସନ ମଧ୍ୟ ଅନ୍ତର୍ଭୁକ୍ତ । ସମାଜବାଦୀ ପାର୍ଟିର ଗଡ଼ କୁହାଯାଉଥିବା ଏହି ଆସନକୁ ୨୩ ବର୍ଷ ପରେ ୨୦୧୯ ନିର୍ବାଚନରେ

ବିଜେପି ଜିତିଥିଲା। ଏଥର ବିଜେପି ବର୍ତ୍ତମାନର ସାଂସଦ ସଂଘମିତ୍ରା ମୌର୍ଯ୍ୟଙ୍କ ଟିକେଟ ବାତିଲ କରି ଦଳର ଆଞ୍ଚଳିକ ଉପାଧ୍ୟକ୍ଷ ଦୁର୍ଭିଜୟ ସିଂହ ଶାକ୍ୟଙ୍କୁ ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ ପାର୍ଟିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶିବପାଲ ସିଂହ ଯାଦବଙ୍କ ପୁଅ ଆଦିତ୍ୟ ଯାଦବଙ୍କୁ ଇଣ୍ଡି -ମେଣ୍ଟ ପ୍ରାର୍ଥୀ କରିଛି। ବହୁଜନ ସମାଜ ପାର୍ଟି ଶେଖୁପୁରର ପୂର୍ବତନ ବିଧାୟକ ମୁସଲିମ ଖାନ୍‌ଙ୍କୁ ପ୍ରାର୍ଥୀ କରିଛି। ଆମ ପ୍ରତିନିଧିଙ୍କ ସୂଚନା ଅନୁଯାୟୀ, ଏହି ଆସନରେ ୩ ଜଣ ମହିଳାଙ୍କ ସମେତ ଅନ୍ୟ ୮ ଜଣ ପ୍ରାର୍ଥୀ ମଧ୍ୟ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି ।

## ଆଉଟର ମଣିପୁର ଇଲେକ୍ସନ

ବାହ୍ୟ ମଣିପୁର ସଂସଦୀୟ କ୍ଷେତ୍ରର ୬ଟି ମତଦାନ କେନ୍ଦ୍ରରେ ଆଜି ପୁନଃ ଭୋଟ୍ ଗ୍ରହଣ କରାଯାଉଛି । ଉଖରୁଲ ଜିଲ୍ଲାର ୫ଟି ଓ ସେନାପତିର ଗୋଟିଏ ମତଦାନ କେନ୍ଦ୍ରରେ ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଛି । ଏହା ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ ଗତ୨୬ ତାରିଖରେ ହୋଇଥିବା ଏହି ମତଦାନ କେନ୍ଦ୍ରଗୁଡ଼ିକରେ ମତଦାନ ପ୍ରକ୍ରିୟାକୁ ଅବୈଧ ବିବେଚନା କରାଯାଇ ପୁନଃ ମତଦାନ ପାଇଁ ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଥିଲେ ।

## ଉପରାଷ୍ଟ୍ରପତି

ଭାରତୀୟ ଆର୍ବିଟ୍ରେସନ୍-ମଧ୍ୟସ୍ଥତା ବ୍ୟବସ୍ଥାରେ ସଂସ୍କାର ର ଆବଶ୍ୟକତା  ରହିଛି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମତବ୍ୟକ୍ତ କରିଛନ୍ତି ।

ନୂଆଦିଲ୍ଲୀରେ ସୋସାଇଟି ଅଫ୍ ଇଣ୍ଡିଆନ୍ ଲ’ ଫାର୍ମସ୍ (ଏସ୍ଆଇଏଲ୍ଏଫ୍) କୋଠା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ଶ୍ରୀ ଧନଖଡ଼ କହିଛନ୍ତି, ମଧ୍ୟସ୍ଥତା ପ୍ରକ୍ରିୟା ସୌହାର୍ଦ୍ଦ୍ୟପୂର୍ଣ୍ଣ ହେବା ଦରକାର। ଗ୍ଲୋବାଲ୍ ଆର୍ବିଟ୍ରେସନ୍ ହବ୍‌ର ଆବିର୍ଭାବ ପାଇଁ ଭାରତ ପାଖରେ ସବୁ କିଛି ଅଛି। ଅର୍ଥପୂର୍ଣ୍ଣ ସଂସ୍କାରକୁ ପ୍ରୋତ୍ସାହିତ କରିବାରେ ଅନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

## ଆଡମିରାଲ ଦୀନେଶ କୁମାର

ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ଆଜି ନୌସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଡମିରାଲ ଆର୍. ହରି କୁମାରଙ୍କ ସ୍ଥାନ ନେଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଆଡମିରାଲ ତ୍ରିପାଠୀ ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ସମୁଦ୍ରରେ ସମ୍ଭାବ୍ୟ ଶତ୍ରୁଙ୍କୁ ଶାନ୍ତିଶୃଙ୍ଖଳାରେ ପ୍ରତିହତ କରିବା ଏବଂ ସମୁଦ୍ରରେ ଯୁଦ୍ଧ ଜିତିବା ପାଇଁ ଭାରତୀୟ ନୌସେନା ସର୍ବଦା ପ୍ରସ୍ତୁତ ରହିବା ଉଚିତ୍ । ନୂତନ ଜ୍ଞାନକୌଶଳ ପ୍ରଚଳନ କରି ଏବଂ ଜାତୀୟ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭରେ ପରିଣତ ହୋଇ ‘ଆତ୍ମନିର୍ଭରତା’ ଦିଗରେ ଭାରତୀୟ ନୌସେନାର ଜାରି ରହିଥିବା ପ୍ରୟାସକୁ ସୁଦୃଢ଼ କରିବେ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି ।

ସୂଚନାଯୋଗ୍ୟ, ଶ୍ରୀ ତ୍ରିପାଠୀ ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାବେ କାର୍ଯ୍ୟ କରିଛନ୍ତି। ଯୋଗାଯୋଗ ଏବଂ ବୈଦ୍ୟୁତିକ ଯୁଦ୍ଧ ବିଶେଷଜ୍ଞ ଆଡ୍‌ମିରାଲ୍ ତ୍ରିପାଠୀ ନୌସେନାର ଆଗଧାଡ଼ିର ଯୁଦ୍ଧ ଜାହାଜରେ ସିଗନାଲ କମ୍ୟୁନିକେସନ୍ ଅଫିସର ଏବଂ ଇଲେକ୍ଟ୍ରୋନିକ୍ ଓ୍ୱାର୍ଫେୟାର ଅଫିସର ଭାବରେ କାର୍ଯ୍ୟ କରିଛନ୍ତି । ସେ ମଧ୍ୟ ଗାଇଡେଡ୍ ମିସାଇଲ ଡିଷ୍ଟ୍ରୋୟର ଆଇଏନଏସ୍ ମୁମ୍ବାଇର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପ୍ରଧାନ ଯୁଦ୍ଧ ଅଧିକାରୀ ଭାବରେ କାର୍ଯ୍ୟ କରିଛନ୍ତି । ଭାରତୀୟ ନୌସେନା ଜାହାଜ ବିନାଶ, କିର୍ଚ ଏବଂ ତ୍ରିଶୁଳର ନେତୃତ୍ୱ ନେଇଥିବା ଆଡମିରାଲ ତ୍ରିପାଠୀ କର୍ତ୍ତବ୍ୟ ନିଷ୍ଠା ପାଇଁ ଅତି ବିଶେଷ ସେବା ପଦକ ଏବଂ ନୌସେନା ପଦକ ପାଇଛନ୍ତି ।

# ସିଏମ୍-ନୋମିନେସନ୍

ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆଜି ଆସ୍କା ଲୋକସଭା କ୍ଷେତ୍ର ଅଧୀନ ହିଞ୍ଜିଳିକାଟୁ ବିଧାନସଭା ଆସନରେ ନିର୍ବାଚନ ଲଢ଼ିବା ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ଶ୍ରୀ ପଟ୍ଟନାୟକ ଆଜି ସକାଳେ ପ୍ରଥମେ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କୁ ଦର୍ଶନ କରିଥିଲେ । ଏହାପରେ ସେ ସହସ୍ରାଧିକ ଦଳୀୟ କର୍ମୀଙ୍କ ସହ ରାଲିରେ ଯାଇ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଥିଲେ ।

# ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ମେ ୧୩ ତାରିଖରେ ଭୋଟଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ୪ଟି ଲୋକସଭା କ୍ଷେତ୍ର ଯଥା କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ଏହି ୪ଟି ଆସନରେ ମୋଟ୍ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରେ ଅବତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩୦ ଜଣ ପୁରୁଷ ପ୍ରାର୍ଥୀ ହୋଇଥିବାବେଳେ ୭ ଜଣ ମହିଳା ପ୍ରାର୍ଥୀ ଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗତ ୧୮ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଥିଲା । ୨୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ପରେ ୩୮ ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ବୈଧ ରହିଥିଲା । ତେବେ ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିବାବେଳେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ଜଣେ ପ୍ରାର୍ଥୀ ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ ।

# ମାଓବାଦୀ

ଛତିଶଗଡ଼ ରାଜ୍ୟ ନାରାୟଣପୁର ଜିଲ୍ଲାର ଅବୁଝମାଡ଼ରେ ନକ୍ସଲ ସଂଗଠନ ଓ ଯବାନଙ୍କ ମଧ୍ୟରେ ବଡ଼ ଧରଣର ଏନକାଉଣ୍ଟର ହୋଇଛି। ଏଥିରେ ୭ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଥିବା ବସ୍ତର ଆଇଜି ପି.ସୁନ୍ଦରରାଜ ସୂଚନା

ଦେଇଛନ୍ତି । ଘଟଣାସ୍ଥଳରୁ ଗୋଟିଏ ଏକେ-୪୭ ବନ୍ଧୁକ ସମେତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ନିହତଙ୍କ ମଧ୍ୟରେ ୨ ମହିଳା ମାଓବାଦୀ ଅଛନ୍ତି । ଅବୁଝମାଡ଼ ଜଙ୍ଗଲରେ ଡିଆରଜି ଓ ଏସଟିଏଫ୍ ଦଳ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

## ହିଟ୍ ୱେଭ୍

ଦେଶର ପ୍ରାୟ ସବୁ ରାଜ୍ୟରେ ସଂପ୍ରତି ଜାରି ରହିଥିବା ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ତେଲଙ୍ଗାନା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀ ସମେତ ଦକ୍ଷିଣ ଭାରତରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ - ଆଇଏମଡି ପୂର୍ବାନୁମାନ କରିଛି। ଆସନ୍ତାକାଲି ପର୍ଯ୍ୟନ୍ତ ପଶ୍ଚିମବଙ୍ଗ, ସିକ୍କିମ୍ ଓ ଗୁଜରାଟରେ ମଧ୍ୟ ଏହି ସ୍ଥିତି ଜାରି ରହିବ ବୋଲି ବିଭାଗ କହିଛି ।

ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ ଆଜି ଓ ଆସନ୍ତାକାଲି ଓଡ଼ିଶା ଓ ବିହାରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଆସନ୍ତା ମାସ ୩ ତାରିଖ ପର୍ଯ୍ୟନ୍ତ ଆସାମ, ତ୍ରିପୁରା, ଗୁଜରାଟ, ତାମିଲନାଡୁ ଓ ପୁଡୁଚେରୀରେ ଗରମ ଓ ଆର୍ଦ୍ର ତାପମାତ୍ରା ରହିବ।

ଆଇଏମଡି ପୂର୍ବାନୁମାନ କରିଛି ଯେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ପୂର୍ବ ଭାରତରେ ସର୍ବାଧିକ ତାପମାତ୍ରା ୧ରୁ ୨ ଡିଗ୍ରୀ ସେଲସିୟସ ଏବଂ

କେନ୍ଦ୍ରୀୟ ଭାରତରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଛି ।

ଅନ୍ୟପକ୍ଷରେ ଆସନ୍ତା ୫ ଦିନ ମଧ୍ୟରେ ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ବର୍ଷା ଓ ତୁଷାରପାତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଉତ୍ତର ଭାରତର ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଆସନ୍ତାକାଲି ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବ । ଆଜି ପଞ୍ଜାବ, ଲାକ୍ଷାଦ୍ୱୀପ, କେରଳ ଓ ପୁଡୁଚେରୀରେ ବର୍ଷା ହେବ ବୋଲି ଆଇଏମଡି ପୂର୍ବାନୁମାନ କରିଛି ।